ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର– ୭୫୧୦୦୩

Dr.T.R. Mohanty
Nodal Officer

**ସପ୍ତାହ –୪୧**



ନ.-୯୯୭ (ଓଡିଆ ବୁଲେଟିନ)
ତାରିଖ- ୧୪.୧୦ .୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ଖୋର୍ଦ୍ଧା ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୮.୧୦.୨୦୨୫ ରୁ ୧୪.୧୦.୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| 33.3 | 23.7 | 36.6 |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୫ . ୧୦. ୨୦୨୫ ରୁ ୧୯ .୧୦ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ &ଆକାଶରସ୍ଥିତି |  ସ୍ୱଳ୍ପ ବର୍ଷା ଓ ଆକାଶ ସାଧାରଣତଃ ମେଘୁଆ |  ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ |  ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ |  ଅତି ସ୍ୱଳ୍ପ ବର୍ଷା ଓ ଆକାଶ ଆଂଶିକ ମେଘୁଆ |  ଅତି ସ୍ୱଳ୍ପ ବର୍ଷା ଓ ଆକାଶ ମୁଖ୍ୟତଃ ପରିଷ୍କାର |
| ସର୍ବାଧିକତାପମାତ୍ରା(°C) | 33 | 33 | 32 | 32 | 32 |
| ସର୍ବନିମ୍ନତାପମାତ୍ରା(°C) | 23 | 23 | 23 | 22 | 22 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା(%) | 80 | 86 | 88 | 88 | 88 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା(%) | 51 | 52 | 64 | 67 | 67 |
| ପବନରବେଗ (କି.ମି./ଘ.) | 5 | 5 | 5 | 5 | 5 |
| ପବନରଦିଗ | 344 | 352 | 352 | 351 | 344 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୫ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୨ ରୁ ୩୩ ଡିଗ୍ରୀ ସେଲସିଅସ ଓ ୨୨ -୨୩ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

# ବିଶେଷ କୃଷି ସୂଚନା

- ❖ ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାରେ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ।
- ❖ ରୋଗ ଓ ପୋକ ର ନିୟନ୍ତ୍ରଣ ପାଇଁ ଜମିକୁ ଘାସମୁକ୍ତ ରଖନ୍ତୁ ।
- ❖ ଧାନ ଫସଲରେ ଗଣ୍ଠିଛାଡିବା ବା ଗର୍ଭ ସଞ୍ଚାର ଆରମ୍ଭ ହେବା ଅବସ୍ଥାରେ ୫ ରୁ ୧୦ ସେମି ଠିଆ ପାଣି ରଖନ୍ତୁ ।
- ❖ ଶୋଷକ କୀଟ ମାନଙ୍କର (ଜଉ, ପତ୍ରଡିଆଁ, ଦହିଆ ଓ ଧଳାମାଛି) ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ ଟି ଅଠା ଲାଗିଥିବା ହଳଦିଆ ଯନ୍ତା କୁ ଜମିରେ ଲଗାନ୍ତୁ ।
- ❖ ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ ଏବଂ ସେହି ଅନୁଯାୟୀ ଉପଯୁକ୍ତ ସୁରକ୍ଷା ପଦକ୍ଷେପ ନିଅନ୍ତୁ ।
- ❖ କୁକୁଡା ଚିଆଁ ମାନେ ୩ ରୁ ୪ ସପ୍ତାହ ର ହୋଇଯାଇ ଥିଲେ ରାଣୀଖେତ ରୋଗ ପାଇଁ ଟୀକାକରଣ କରାନ୍ତୁ ।
- ❖ ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡା, ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି । ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ Metalaxyl + Mancozeb କିମ୍ବା ୨ ଗ୍ରାମ Carbendazim+ Mancozeb ଓ ୧ ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | କେଣ୍ଡା ବାହାରିବା ଅବସ୍ଥା / ଫୁଲ ବାହାରିବା ଅବସ୍ଥା | ❖ <u>ଗନ୍ଧି ପୋକ ବା ଛଗୋଡିଆ ପାକ ର ପରିଚାଳନା</u><br>ଧାନ ଫସଲରେ ଗନ୍ଧି ପୋକ ବା ଛଗୋଡିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି କ୍ଲୋରୋପାଇରିଫସ (Chlorpyriphos) ନାମକ କୀଟନାଶକ କିମ୍ବା ୪୦୦-ମିଲି ମାଲାଥିୟନ (Malathion) ନାମକ କୀଟନାଶକ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହା ବଦଳ ରେ ଏକର ପ୍ରତି ୧୦-କି.ଗ୍ରା. କ୍ଲୋରୋପାଇରିଫସ (Chlorpyriphos) କିମ୍ବା ମାଲାଥିୟନ (Malathion) ଗୁଣ୍ଡ କୁ ସମାନ ଭାବରେ ସକାଳ ସମୟରେ ପବନ ହେଉନଥିବା ସମୟରେ ଫସଲ ଉପରେ ଡଷ୍ଟର ଦ୍ୱାରା ପ୍ରୟୋଗ କରନ୍ତୁ ।<br>❖ <u>ପତ୍ରାଚ୍ଛାଦ ସଢା ରୋଗ ପରିଚାଳନା</u><br>ଧାନ ଫସଲ ରେ ପତ୍ରାଚ୍ଛାଦ ସଢା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ କାରବେଣ୍ଡାଜିମ (Carbendazim) ନାମକ ଫିମ୍ପିନାଶକ କିମ୍ବା ୨୦୦-ମି.ଲି.ପ୍ରୋପିକୋନାଜୋଲ (Propiconazole) ନାମକ ଫିମ୍ପିନାଶକ କିମ୍ବା ୫୦୦-ଗ୍ରାମ ଆଇପ୍ରୋଡିନ ଓ କାରବେଣ୍ଡାଜିମ (Iprodine ଓ Carbendazim) ର ମିଳିତ ଫିମ୍ପିନାଶକ ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ମୁଗ ଏବଂ ବିରି | ଫୁଲ ଧରିବା ଅବସ୍ଥା - ଛୁଇଁ ଧରିବା ଅବସ୍ଥା | ❖ <u>ପାଉଁଶିଆ ରୋଗ ପରିଚାଳନା</u><br>ଏହି ରୋଗ ଆକ୍ରାନ୍ତ ଗଛ ଗୁଡିକରେ ପତ୍ରରେ ପାଉଁଶ ପଡିବା ଭଳି ଦେଖାଯାଏ। ଏହି ରୋଗ ପ୍ରତିକାର ପାଇଁ ପ୍ରତି କେଜି ବିହନକୁ ୨ ଗ୍ରାମ Carbendazim ସହ ଗୋଳାଇ ବିହନ ବିଶୋଧନ କରନ୍ତୁ। ଶୁଖିଲା ପାଗ ଦେଖି ଜୈବିକ ଉପାୟରେ ଏହି ରୋଗ ପରିଚାଳନା ପାଇଁ Trichoderma viridae 5 % ରୁ 1 ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ପଦ୍ଧତିରେ ଏକର ପ୍ରତି Triadimefon (25 % WP) ଔଷଧ ରୁ କିମ୍ବା Sulphur (80% ସେଚିତ) ଗୁଣ୍ଡରୁ 800-1000 ଗ୍ରାମ କିମ୍ବା Penconazole (10% EC) ଔଷଧରୁ ୧୦୦ ମିଲି, ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଂଚନ କରନ୍ତୁ । |

| | | |
|---|---|---|
| ଆମ୍ବ | ଅଭିବୃଦ୍ଧି ଅବସ୍ଥା | ❖ ପବବିନ୍ଧା ପୋକର ପରିଚାଳନା<br>ଜୈବିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ଗୋଟିଏ *Trichogramma chilonis* card ପ୍ରତି ସପ୍ତାହ ଅନ୍ତରରେ 6 ଥର ବ୍ୟବହାର କରନ୍ତୁ । କାର୍ଡଟିକୁ ନିର୍ଦ୍ଧାରିତ ସ୍ଥାନରେ ଖଣ୍ଡ ଖଣ୍ଡ କରି 12 ଟି ସ୍ଥାନରେ ଲଗାନ୍ତୁ। ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି 600 ମି. ଲି. Fipronil ନାମକ କୀଟନାଶକ କିମ୍ବା 400 ମି. ଲି. Profenophos ନାମକ କୀଟନାଶକ କିମ୍ବା 80 ମି. ଲି. Chlorantraniliprole ନାମକ କୀଟନାଶକ, 200- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଏହା ବଦଳରେ ଆପଣ ଏକର ପ୍ରତି 4 କିଲୋଗ୍ରାମ Chlorantraniliprole ନାମକ ଦାନାଦାର କୀଟନାଶକ କୁ 8 କିଲୋଗ୍ରାମ ବାଲି ସହ ମିଶାଇ ଜମିରେ ପ୍ରୟୋଗ କରିପାରିବେ । |
| କୋବି ଜାତୀୟ ପନିପରିବା | ତଳି ଅବସ୍ଥା | ❖ କୋବି ଜାତୀୟ ପନିପରିବା ତଳି ପଟାଳିରେ ସାଧାରଣତଃ ତଳି ଘରା-କଟା ରୋଗ ଦେଖା ଦେଇଥାଏ । ଶୁଖିଲା ପାଗ ଦେଖି ଏହି ରୋଗର ପରିଚାଳନା ପାଇଁ ପ୍ରଥମେ ମଞ୍ଜି  ବୁଣିବା ପୂର୍ବରୁ ଏକ- କିଲୋଗ୍ରାମ ମଞ୍ଜି ରେ ୨-ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା Carboxin ଏବଂ Thiram ର ମିଶ୍ରିତ ଫିମ୍ପିନାଶକ, ବିହନରେ ମିଶାଇ ବିଶୋଧନ କରନ୍ତୁ । ମଞ୍ଜି ବୁଣି ସାରିଲା ପରେ ପ୍ରତି ଲିଟର ପାଣିରେ ୨-ଗ୍ରାମ Carbendazim ନାମକ ଫିମ୍ପିନାଶକ ମିଶାଇ ମାଟିକୁ ଭଲଭାବରେ ଭିଜାନ୍ତୁ। ତଳି ପଟାଳିରେ ତଳି ଘରା-କଟା ରୋଗ ଦେଖା ଦେଲେ ପ୍ରତି ଲିଟର ପାଣି re ୨- ଗ୍ରାମ Metalaxyl ଓ Mancozeb ର ମିଳିତ କିମ୍ବା ୨.୫-ଗ୍ରାମ Fenamidone ଓ Mancozeb ର ମିଳିତ ଫିମ୍ପିନାଶକ, ମିଶାଇ ୭ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ। ପଟାଳିରେ ପାଣି ଜମିରହିଲେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ । |
| ଭେଣ୍ଡି | ଫଳ ଧରିବା ଅବସ୍ଥା | ❖ ସାହେବୀ ରୋଗ<br>ଭେଣ୍ଡିରେ ସାହେବୀ ରୋଗ ଧଳାମାଛି ଦ୍ଵାରା ବ୍ୟାପିଥାଏ । ଏହାକୁ ପ୍ରତିରୋଧ କରିବା ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ Imidacloprid 75 % WG ସହ ମିଶାଇ ବିହନ ବିଶୋଧନ କରନ୍ତୁ । ଜମି ରେ ଏକର ପ୍ରତି  ୧୨ଟି ହଳଦିଆ ଯନ୍ତା ବସାନ୍ତୁ । ପ୍ରାଥମିକ ଅବସ୍ଥାରେ ମଞ୍ଜି ଗଜା ହେବାର ୧୫ଦିନ ପରେ ଏକର ପ୍ରତି ୬୦୦ ମିଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ Azadiractin କୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ହେଲେ ଏକର ପ୍ରତି ୪୦୦ଗ୍ରାମ Diafenthuron ୫୦ %WP କିମ୍ବା ୬୦୦ଗ୍ରାମ Imidacloprid ୭୦  %WG ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ୭ଦିନ ପରେ ଆଉଥରେ ସ୍ପ୍ରେ କରନ୍ତୁ । |
| ଅମୃତଭଣ୍ଡା | ଫଳ ଧରିବା ଅବସ୍ଥା | ❖ ବର୍ଷା ଛାଡିଗଲା ପରେ ଖରାଟିଆ ପାଗରେ ଅମୃତଭଣ୍ଡା ଗଛରେ ଦହିଆଚୂର୍ଣ ପୃଷ୍ଠ ପୋକ ଦେଖା ଦେଇଥାଏ। ପ୍ରାରମ୍ଭିକ / ଅବସ୍ଥାରେ ପରିଚାଳନା ପାଇଁ ପ୍ରତି ୧୦-ଲିଟର ପାଣିରେ ୩୦-ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନକରନ୍ତୁ । ଏହା ବ୍ୟତୀତ ଗଛରେ ସାବୁନ ଗୁଣ୍ଡ ମିଶ୍ରିତ ପାଣି ସିଞ୍ଚନ କରାଯାଇପାରିବେ । ପୋକର ଆକ୍ରମଣ ଅଧିକ ହେଲେ ରାସାୟନିକ ଉପାୟରେ ଏହି ପୋକର ଦମନ ପାଇଁ ପ୍ରତି ୧୦-ଲିଟର ପାଣିରେ ୨୦-ମିଲି ପ୍ରୋଫେନୋଫୋସ୍ (Profenophos) ନାମକ କୀଟନାଶକ କିମ୍ବା ୩-ଗ୍ରାମ ଥିଆମେଥୋଜାମ୍ (Thiamethoxam) ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ। |
| କଦଳୀ | ବୃଦ୍ଧି ରୁ ଫଳ ଧରିବା ଅବସ୍ଥା | ❖ ସିଗାଟୋକା ରୋଗ:<br>ପତ୍ରରେ ସିଗାଟୋକା ରୋଗର ଲକ୍ଷଣ କିମ୍ବା କଦଳୀର ଅଗ୍ର ଭାଗ ସଢି ଯାଉଥିଲେ ଦେଖାଦେଲେ ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୩ ଗ୍ରାମ ମାଙ୍କୋଜେବ ୭୫% ଡବ୍ଲ୍ୟୁପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। |
| ଗେଣ୍ଡୁ ଓ ଗୋଲାପ | ଫୁଲ ଧରିବା ଅବସ୍ଥା | ❖ ନାଲି ବୁଢିଆଣୀ ଅଷ୍ଟପଦୀ ର ପରିଚାଳନାପାଇଁ ପ୍ରତି ଲିଟର ପାଣିରେ ୨-ଗ୍ରାମ ସଲଫର (sulphur)ସେଚିତ ଗୁଣ୍ଡ କିମ୍ବା ୨-ମିଲି ପ୍ରୋପାରଜାଇଟ (Propargite) ନାମକ କୀଟନାଶକ କିମ୍ବା ୨-ମିଲି ଫେନପାଇରୋଗଜିମେଟ (Fenpyroximate) ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ । |
| ପଶୁ ସମ୍ପଦ | ❖ ଛେଳିମାନଙ୍କର ଚର୍ମ ରୋଗ (ମେଞ୍ଜ)<br>ମେଞ୍ଜ ଛେଳି ମାନଙ୍କର ଏକ ସଂକ୍ରାମକ ଚର୍ମ ରୋଗ ଯାହା ପାଞ୍ଚ ପ୍ରକାର ଚର୍ମ ଉକୁଣି ମାନଙ୍କ ଦ୍ଵାରା ସୃଷ୍ଟି ହୋଇଥାଏ । ଏହି ରୋଗ କୁ ନିୟନ୍ତ୍ରଣ କରିବା ପାଇଁ ଚର୍ମ ଉକୁଣି ମାନଙ୍କୁ ଶରୀରରୁ ସମ୍ପୂର୍ଣ ମାରିଦେବା ଆବଶ୍ୟକ । ଏଥିପାଇଁ ଏକ ଶତକଡା ଆସୁନ ଚଲ ବା ମାଲଥିଅନ ଦେହଯାକ ସ୍ପ୍ରେ କରାଯାଇଥାଏ । ସଂକ୍ରମିତ ଛେଳି ମାନଙ୍କୁ ସୁସ୍ଥ ଛେଳି ମାନଙ୍କ ଠାରୁ ଅଲଗା ରଖିଲେ ସଂକ୍ରମଣ ର ମାତ୍ରା କମ ହୋଇଥାଏ । | |
| ମତ୍ସ୍ୟ ସମ୍ପଦ | ❖ କେତେକ ମାଛକୁ ଉକୁଣି ରୋଗ ହୋଇଥାଏ । ଏହି ରୋଗରେ ମାଛ ଦେହ ସାରା ଛୋଟ ଛୋଟ ଉକୁଣି ଲାଗି ରହିଥାନ୍ତି। ଏହି କ୍ଷତ ଅଧିକ ଦିନ ରହିଲେ ମାଛ ଦେହରେ ବଡ ଘା ହୋଇଯିବ ଓ ସେମାନେ ଠିକ ସେ ବଢି ପାରିବେ ନାହିଁ । ଏହାର ଚିକିତ୍ସା ପାଇଁ Biogulus ନାମକ ଔଷଧ ପ୍ରତି ଏକ କେଜି ଖାଦ୍ୟରେ 5ml ହିସାବରେ ମିଶାଇ ଖାଇବାକୁ ଦେବେ ଏବଂ 500 ml ସପ୍ତାହରେ ଥରେ ପୋଖରୀ ପାଣିରେ ପ୍ରୟୋଗ କରିବେ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧ୍ୟକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ତାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)